ବାଲେଶ୍ୱର ପୌରପରିଷଦ,ବାଲେଶ୍ୱର

ସଂଖ୍ୟା 3821 ତାରିଖ 10/06/2024

ଏତଦ ଦ୍ୱାରା ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟ ୯ ମାସ ପାଇଁ ଆଗାମୀ ଆର୍ଥିକ ବର୍ଷ ୨୦୨୪୨୫- ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ । ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି /ସଂସ୍ଥା ତା ୧୨.୦୬.୨୦୨୪ ରିଖ ଠାରୁ ତା .୨୧ .୦୬.୨୦୨୪ ରିଖ ମଧ୍ୟରେ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା. ୨୫.୦୬.୨୦୨୩ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ପ୍ରତ୍ୟେକ ଉତ୍ସଗୁଡ଼ିକର ନାମ ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ପାଇବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନ ଥିବେ ତେବେ ମଧ୍ୟାହ୍ନ ଉପୋରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର . ସଂଖ୍ୟା | ଉତ୍ସ ଗୁଡ଼ିକର ନାମ | ସମୟ ଅବଧି | ସର୍ବନିମ୍ନ ମୂଲ୍ୟ ଟଙ୍କାରେ (including ୧୮ % GST ) | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୦୧ | ଶାନ୍ତିକାନନ ହତା ମଧ୍ୟରେ ଥିବା ନଡ଼ିଆ ଗଛର ଫଳ , ଗୋପବନ୍ଧୁ ପାର୍କ ହତା ମଧ୍ୟରେ ଥିବା ନଡ଼ିଆ ଗଛର ଫଳ, ପୌରପାଳିକା ହତା ମଧ୍ୟରେ ଥିବା ନଡ଼ିଆ ଗଛର ଫଳ | ୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୩୯,୦୦୦-/ | |
| ୦୨ | ନୂଆ ବଜାର ମାଛ ଓ ପରିବା ବଜାରରୁ ବଟି ଆଦାୟ (ଦୋକାନ ପ୍ରତି ଦୈନିକ ଦଶ ଟଙ୍କ ) | ୦୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୭,୯୨,୦୦୦/- | |
| ୦୩ | କଚେରୀ ବଜାର, ବିଚାରଗଞ୍ଜ ଅଞ୍ଚଳ ଓ କଚେରୀ ରୋଡ଼ ରୁ ବଟି ଆଦାୟ (ଦୋକାନ ପ୍ରତି ଦୈନିକ ଦଶ ଟଙ୍କା ) | ୦୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୫,୫୯,୪୨୯/- | |
| ୦୪ | ମଣ୍ଡଳ ବଜାର, ମୋତିଗଞ୍ଜ ଠାରୁ ମିଶନ ବାଳକ ହାଇ ସ୍କୁଲ ପର୍ଯ୍ୟନ୍ତ ବଟି ଆଦାୟ ( ଦୋକାନ ପ୍ରତି ଦୈନିକ ଦଶ ଟଙ୍କ | ୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୫,୧୬,୨୯୫/- | |
| ୦୫ | କିଲ୍ଲା ପୋଖରୀ ନିକଟସ୍ଥ ଚିଲଖାନା | ୦୧.୦୭.୨୦୨ ରୁ ୩୧.୦୩.୨୦୨୫ | ୧୨,୦୭୭/- | |
| ୦୬ | Collection of parking fees from union Bank old stadium, North hostel road, F.M. College chhak, Tarini Petrol pump to Mathasahi chhaka, Tarini chhaka to end of Municipality boundary, Zone-I (Western side) (ଦଶ ଟଙ୍କା ପ୍ରତି ଦୁଇ ଚକିଆ ଯାନ ପାଇଁ ଏବଂ କୋଡ଼ିଏ ଟଙ୍କା ପ୍ରତ୍ୟେକ ଚାରି ଚକିଆ ଯାନ ପାଇଁ ) | ୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୩,୭୪,୨୫୬/- | |
| ୦୭ | Collection of parking fees from Hero Honda Show room to Town Thana chhak, Motiganj, Golapokhari, Raghunath Press to end of Municipal Boundary (Eastern side, zone – II( ଦଶ ଟଙ୍କା ପ୍ରତି ଦୁଇ ଚକିଆ ଯାନ ପାଇଁ ଏବଂ କୋଡ଼ିଏ ଟଙ୍କା ପ୍ରତ୍ୟେକ ଚାରି ଚକିଆ ଯାନ ପାଇଁ ) | ୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୭,୯୬,୦୯୩/- | |
| ୦୮ | ଫକିର ମୋହନ ଗୋଲେଇ ଠାରୁ ଲକ୍ଷ୍ମୀ ନାରାୟଣ ମନ୍ଦିର ପର୍ଯ୍ୟନ୍ତ ,ବସ ଷ୍ଟାଣ୍ଡ ଠାରୁ ସୁରଜ ହୋଟେଲ ପର୍ଯ୍ୟନ୍ତ ଏବଂ ଆନନ୍ଦ ବଜାର ଠାରୁ ଲୁଣିଆ ଯୋଡ଼ି ପୋଲ ପର୍ଯ୍ୟନ୍ତ ବଜାରରୁ ବଟି ଆଦାୟ । (ଦୋକାନ ପ୍ରତି ଦୈନିକ ଦଶ ଟଙ୍କା ) | ୧.୦୭.୨୦୨୪ ରୁ ୩୧.୦୩.୨୦୨୫ | ୨,୪୭,୫୦୦/- | |

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

## ସର୍ତ୍ତାବଳୀ

୧ - ଉପରୋକ୍ତ ଉତ୍ସ ପାଇଁ ଆବେଦନ କରିବାକୁ ଇଚ୍ଛୁକ ବ୍ୟକ୍ତି ପୌରପାଳିକାରୁ ନିର୍ଦ୍ଧାରିତ ଦିନ ମଧ୍ୟରେ ୫୦୦ /- ଟଙ୍କା ଜମା କରି ଫର୍ମ ନେଇ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଆବେଦନ କରିପାରିବେ ।

୨ - ଉପରୋକ୍ତ ଉତ୍ସ ଗୁଡ଼ିକର ଆଗାମୀ ସମୟ ସୀମା ନିମନ୍ତେ ପଟ୍ଟାଧାରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ସମ ପରିମାଣରେ ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର କାଗଜ ଆଦି ସହ ଦାଖଲ କରିବା ହେବେ । ନଚେତ ତାଙ୍କର ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୩ – ପୌରପାଳିକାର ପୂର୍ବରୁ ପଟ୍ଟାଧାରୀ ନେଇଥିବା ବ୍ୟକ୍ତି /ସଂସ୍ଥା ଯଦି ପୂର୍ବ ନିଲାମର ରାଶି ପଇଠ କରିଥିବାର ଅବହେଳା କରିଥିବେ ତେବେ ସେହି ବ୍ୟକ୍ତି /ସଂସ୍ଥା ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ ।

୪- ଆଗ୍ରହୀ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ ରେଜିଷ୍ଟ୍ରି ଡାକ / ସ୍ପୀଡ ପୋଷ୍ଟ କିମ୍ବା ପୌରପାଳିକା ଥିବା ଟେଣ୍ଡର ବାକ୍ସରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପହଞ୍ଚାଇବା ହେବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଡାକ ଯୋଗେ ବିଳମ୍ବ ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫- ଟେଣ୍ଡର ଲଫାପା ଉପରେ ଟେଣ୍ଡରଦାତା ମାନେ ଯେଉଁ ଉତ୍ସ ପାଇଁ ଆବେଦନ କରିଥିବେ ତାହା ଉଲ୍ଲିଖିତ କରିବା ହେବେ । ପ୍ରତ୍ୟେକ ଉତ୍ସ ପାଇଁ ପୃଥକ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ । ନଚେତ ଦରଖାସ୍ତ ଖାରଜ କରାଯିବ ।

୬ - ଅସଫଳ ଟେଣ୍ଡରଦାତା ମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଡ୍ରାଫ୍ଟ ପୌର ପାଣ୍ଠିରେ ଜମା ପୂର୍ବକ ସମପରିମାଣରେ ଅର୍ଥ ଜମାକାରୀଙ୍କୁ ଚେକ ମାଧ୍ୟମରେ ଫେରସ୍ତ କରାଯିବ । ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି /ସଂସ୍ଥା ଙ୍କୁ ଆଗାମୀ ଆର୍ଥିକ ବର୍ଷ ୨୦୨୪-୨୫ନିମନ୍ତେ ପଟ୍ଟାଧାରୀ ଦିଆଯିବାକୁ ବିଚାର କରାଯାଇପାରେ ।

୭ - ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟାଧାରୀ ପାଇବାର ଭାରତ ସରକାର କିମ୍ବା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣିତ ନିୟମାବଳୀକୁ ସମୁଚିତ ଭାବରେ ପାଳନ କରିବା ହେବେ । ଯଦି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ପଟ୍ଟାଧାରୀ ଉତ୍ସର ଆବଶ୍ୟକତା ଉପଲବ୍ଧ ହୁଏ ସର୍ବୋଚ୍ଚ ନିଲାମଧାରୀ ଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ ରାଶିକୁ ବିନା ସୁଧରେ ଫେରସ୍ତ କରାଯାଇ ଉତ୍ସଟିକୁ ପୌରପାଳିକା କର୍ତ୍ତୃତ୍ୱାଧୀନ କରାଯିବ ।

୮ - କୌଣସି ପରିସ୍ଥିତିରେ ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ ଠାରୁ କମ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୯ - ପୌରପରିଷଦ ଦ୍ୱାରା ପ୍ରଦତ ନିର୍ଦ୍ଧାରିତ ହାରରେ ନିର୍ଦ୍ଦିଷ୍ଟ ସ୍ଥାନରୁ ପାର୍କିଂ ଫି ଓ ରାସ୍ତା ପାର୍ଶ୍ୱ ବିକ୍ରି ପଟ୍ଟାଦାର ଅସୁଲ କରିବେ । ଏହାଠାରୁ ଅଧିକ ଦର କିମ୍ବା ଅନ୍ୟ ସ୍ଥାନରୁ ଅସୁଲ ଆଦାୟ କରିପାରିବେ ନାହିଁ ।

୧୦ – ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ କୁ ଗ୍ରହଣ କରିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡର କୁ ରଦ୍ଦ କରିବାରେ କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫତ ପ୍ରଦାନ କରିବାପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ।

1/6

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକ

ପରିପତ୍ର ସଂଖ୍ୟା 3422(2) ତା 10/06/24 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ /ଉପ – ଜିଲ୍ଲାପାଳ, ବାଲେଶ୍ୱର/ ତହସିଲଦାର,ବାଲେଶ୍ୱର/ ସବ- ରେଜିଷ୍ଟ୍ରାର, ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ,ବାଲେଶ୍ୱର/ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ /ବ୍ଲକ ଉନ୍ନୟନ ଅଧିକାରୀ, ସଦର, ବାଲେଶ୍ୱର/ଆଞ୍ଚଳିକ ପରିବହନ ଅଧିକାରୀ ,ବାଲେଶ୍ୱର/ଜିଲ୍ଲା ନିୟୋଜିତ ଅଧିକାରୀ,ବାଲେଶ୍ୱର/ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ବାଲେଶ୍ୱର /ଆରକ୍ଷୀ ଅଧିକ୍ଷକ,ବାଲେଶ୍ୱର ଙ୍କ ବିହୀତ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ସେମାନେ ଉକ୍ତ ବିଜ୍ଞାପନ କୁ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଇବା ହେବେ ।

1/6

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା